# ନୀହାରିକା

## ଏକ ସମୀକ୍ଷା

ଡକ୍ଟର (ଶ୍ରୀମତୀ) ବାସନ୍ତୀ ରାୟ



# 'ନୀହାରିକା' : ଏକ ସମୀକ୍ଷା



ଡକ୍ଟର (ଶ୍ରୀମତୀ) ବାସନ୍ତୀ ରାୟ

ସ୍ୱର୍ଗତା ଅଧ୍ୟାପିକା ନୀହାରିକା ଦାସଙ୍କ ସ୍ମୃତିରେ ସଂକଳିତ ସ୍ମରଣିକା 'ନୀହାରିକା'ର ଦ୍ୱିତୀୟ ସଂସ୍କରଣ ପାଇ ଚକିତ ହୋଇଥିଲି। ଚକିତ ହୋଇଥିଲି ଏଥିଲାଗିଯେ, ପୂର୍ବରୁ କୌଣସି ସ୍ମରଣିକାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇବା ମୋ ଦୃଷ୍ଟିକୁ ଆସି ନ ଥିଲା। ଏହା ଏକ ନୂଆ କଥା ହୋଇଥିବାରୁ ମୋ ମନକୁ ଆନ୍ଦୋଳିତ କଲା ଏବଂ ମୁଁ 'ନୀହାରିକା'ର ଏକ ସମୀକ୍ଷା ଲେଖିବାକୁ ସ୍ଥିରକଲି।

ସ୍ୱର୍ଗତା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ୧୯୯୫ ମସିହାରେ ଓଡ଼ିଆ ଅଧ୍ୟାପକ ଡକ୍ଟର ପ୍ରମୋଦ କୁମାର ଦାଶ ଓ ଇଂରାଜୀ ଅଧ୍ୟାପକ ଶ୍ରୀ ତପନକାନ୍ତି ପଟ୍ଟନାୟକଙ୍କ ସମ୍ପାଦନାରେ 'ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ'ଦ୍ୱାରା 'ନୀହାରିକା' ପ୍ରଥମେ ପ୍ରକାଶିତ ହୋଇଥିଲା। ଏହାର ଦୀର୍ଘ ୨୧ ବର୍ଷ ପରେ ୨୦୧୬ ମସିହାରେ ସ୍ମରଣିକାର ଦ୍ୱିତୀୟ ସଂସ୍କରଣ ଆତ୍ମପ୍ରକାଶ କଲା। ପ୍ରଥମ ସଂସ୍କରଣରେ ସଂକଳିତ ୩୮ଟିଯାକ ଲେଖା ଦ୍ୱିତୀୟ ସଂସ୍କରଣରେ ସ୍ଥାନିତ ହୋଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡକ୍ଟର ଧନେଶ୍ୱର ମହାପାତ୍ର, ପ୍ରଫେସର ଅମୂଲ୍ୟକୃଷ୍ଣ ମିଶ୍ର, ଡକ୍ଟର ଶ୍ୟାମସୁନ୍ଦର ମିଶ୍ର, ଡକ୍ଟର ନଟବର ଶତପଥୀ, ପ୍ରାଧ୍ୟାପକ ଧନେଶ୍ୱର ସାହୁ, ଡକ୍ଟର (ଶ୍ରୀମତୀ) ସୁଲୋଚନା ଦାସ, ପ୍ରଫେସର ବାଉରୀବନ୍ଧୁ କର, ଡକ୍ଟର ବିଜୟ ସ୍ୱାଇଁଙ୍କ ରଚନା ପ୍ରକାଶ ପାଇଛି। କବି ଶ୍ରୀ ବଂଶୀଧର ମିଶ୍ର, ପ୍ରାଧ୍ୟାପକ ଚୈତନ୍ୟ ପ୍ରସାଦ ସେଠୀ, ଡକ୍ଟର ହୃଷୀକେଶ ମଲ୍ଲିକ, ପ୍ରାଧ୍ୟାପକ ଜୟଚନ୍ଦ୍ର ସାହୁ, ଡକ୍ଟର ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀଙ୍କ କବିତା ମଧ୍ୟ ସ୍ଥାନିତ ହୋଇଛି। ଏହାବାଦ୍ ଅଧ୍ୟାପିକା ଦାସଙ୍କ ସହପାଠୀ, ସହକର୍ମୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନେକ ବିଶିଷ୍ଟ ବ୍ୟକ୍ତିଙ୍କର ରଚନାରେ ସ୍ମରଣିକା ପରିପୁଷ୍ଟ ହୋଇଛି।

ଡକ୍ଟର ଧନେଶ୍ୱର ମହାପାତ୍ର ଲେଖିଛନ୍ତି, "କଟକ ସିଟି କଲେଜରେ ଦୀର୍ଘ ଆଠବର୍ଷର ଅଧ୍ୟକ୍ଷ ଅନୁଭୂତି ଭିତରେ ମୁଁ ନୀହାରିକାର ନମ୍ରତା, କର୍ତ୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳତାରେ ଲେଶମାତ୍ର ବ୍ୟତିକ୍ରମ ଦେଖି ନାହିଁ।" ପ୍ରଫେସର ଅମୂଲ୍ୟକୃଷ୍ଣ ମିଶ୍ର ଦର୍ଶାଇଛନ୍ତି, "ସକଳ ବ୍ୟସ୍ତତା ସତ୍ତ୍ୱେ ସେ ଥିଲେ ଜଣେ ନିପୁଣା ଗୃହିଣୀ। ... ଅତିଥିସେବା ଥିଲା ତାଙ୍କ ଗାର୍ହସ୍ଥ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ସେ ଅତିଥିମାନଙ୍କର ସ୍ନେହଭାଜନ (ହୋଇପାରି)ଥିଲେ।" ଡକ୍ଟର ଶ୍ୟାମସୁନ୍ଦର ମିଶ୍ରଙ୍କ ଭାଷାରେ, "ଗୃହଜଞ୍ଜାଳ, ପତିସନ୍ତାନଙ୍କ ସେବା ସାଙ୍ଗକୁ ଅଧ୍ୟାପନାର ଗୁରୁଦାୟିତ୍ୱ ଓ କର୍ତ୍ତବ୍ୟକୁ ନିର୍ବିରୋଧରେ ଓ ପ୍ରଶାନ୍ତ ଚିତ୍ତରେ ସେ ସମାହିତ କରିପାରୁଥିଲେ। ଜଣେ ଆଧୁନିକା, ଉଚ୍ଚଶିକ୍ଷିତା ନାରୀ ବିଦ୍ରୋହ, ବିପ୍ଳବ ଓ ସଂଗ୍ରାମ ମାଧ୍ୟମରେ ସମାଜଠାରୁ ନିଜର ସ୍ୱାଧିକାର ଦାବି କରୁଛି। ସେ କିନ୍ତୁ ନିଜର ଅନ୍ତର୍ନିହିତ ଗୁଣ ବଳରେ ସେହି ସ୍ୱାଧିକାର ଅର୍ଜନ କରିଥିଲେ।" ଶିକ୍ଷାବିତ୍ ପ୍ରାଧ୍ୟାପିକା (ଶ୍ରୀମତୀ) ପ୍ରତିଭା ପ୍ରଧାନ ଲେଖିଛନ୍ତି, ସ୍ନେହି ମଣିଷଟିଏ। ଅଳ୍ପସମୟ ଭିତରେ ଅତି ନିଜର କରିନେଲା ଭଳି ସମସ୍ତ ଗୁଣରେ ପରିପୂର୍ଣ୍ଣ। ତା'ର ସରଳ ଭାବଭଙ୍ଗୀ ଓ କଥାବାର୍ତ୍ତାରୁ ଏତେ ପାଠ ପଢ଼ିଛି



ବୋଲି ଜାଣିହେବନି। ବିଶେଷ କରି ସ୍ୱର୍ଗତା ଦାସଙ୍କ ଇଂରାଜୀରେ ରଚିତ 'The Joys and Sorrows of Living in a Joint Family' ଶୀର୍ଷକ ନିବନ୍ଧ ସ୍ମରଣିକାର ଗୁରୁତ୍ୱ ବଢ଼ାଇଦେଇଛି।

'ନୀହାରିକା'ର ଦ୍ୱିତୀୟ ସଂସ୍କରଣରେ ପ୍ରଥମ ସଂସ୍କରଣର ୩୮ଟିଯାକ ରଚନା ସ୍ଥାନ ପାଇଛି। ତା'ବାଦ୍ ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ନମିତା ପଣ୍ଡାଙ୍କ 'ମନେପଡ଼େ' ଓ ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଡକ୍ଟର ସଂକର୍ଷଣ ମିଶ୍ରଙ୍କ '...ଏବଂ ତା'ପରେ' ଶୀର୍ଷକ ଲେଖା ଯୋଗ କରାଯାଇଛି। ଶେଷ ଅଧ୍ୟାୟରେ ସମସ୍ତ ଲେଖକଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି।

"ଆଜିକାଲି ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ପରେ ତାଙ୍କର ସ୍ମୃତିଚାରଣ କରି ସ୍ମରଣିକା ପ୍ରକାଶ କରିବା ଏକ ସାଧାରଣ କଥା ହୋଇଗଲାଣି। ଏଥିଯୋଗୁଁ ଜନସାଧାରଣ ତାଙ୍କର ସୁଗୁଣାବଳୀ ସମ୍ପର୍କରେ ଅବଗତ ହେବା ସଙ୍ଗେସଙ୍ଗେ ଆମ ଚରିତ ସାହିତ୍ୟ ସମୃଦ୍ଧ ହେଉଅଛି। ମାତ୍ର ଅଧିକାଂଶ କ୍ଷେତ୍ରରେ ମୃତବ୍ୟକ୍ତିଙ୍କର ପୁଅ-ବୋହୂ, ଝିଅ-ଜୋଇଁ, ନାତି-ନାତୁଣୀଙ୍କ ଲେଖାରେ ଏହା ଭାରାକ୍ରାନ୍ତ ହୋଇଉଠୁଛି। ଏହାଦ୍ୱାରା ସ୍ମରଣିକା ଆତ୍ମପ୍ରଶଂସନରେ ପରିଣତ ହୋଇଯାଉଛି।"[୧] ମାତ୍ର 'ନୀହାରିକା' ଏସବୁର ଏକ ବ୍ୟତିକ୍ରମ ଅଟେ। ଏଥିରେ ସ୍ୱର୍ଗତା ଦାସଙ୍କ ପରିବାରର କୌଣସି ସଦସ୍ୟଙ୍କର ରଚନା ସ୍ଥାନ ପାଇ ନାହିଁ।

ଡକ୍ଟର ସଂକର୍ଷଣ ମିଶ୍ରଙ୍କ '...ଏବଂ ତା' ପରେ' ଶୀର୍ଷକ ରଚନାରେ ସ୍ୱର୍ଗତା ଅଧ୍ୟାପିକା ନୀହାରିକା ଦାସଙ୍କ ମୃତ୍ୟୁ ପରର ଘଟଣାବଳୀ ବର୍ଣ୍ଣିତ ହୋଇଛି। ସାମ୍ପ୍ରତିକ ସମାଜର ଗତିବିଧି ପରିପ୍ରେକ୍ଷୀରେ ସେସବୁକୁ ପରଖିଲେ ମନ ଆଲୋଡ଼ିତ ହୁଏ। ଆଜିକାଲି ଆମ ସମାଜରେ ଯୌତୁକ ନିର୍ଯ୍ୟାତନା, ବଧୂହତ୍ୟା, ବିବାହ ବିଚ୍ଛେଦ, ଛାଡ଼ପତ୍ର, ବିବାହ ନକରି ଏକତ୍ରବାସ ଆଦି ସାଧାରଣ କଥା ହୋଇଗଲାଣି। ପତ୍ନୀଙ୍କ ମୃତ୍ୟୁ ପରେ ପରେ – ଏପରିକି ପତ୍ନୀ ଥାଉଥାଉ ତାଙ୍କ ଅଗୋଚରରେ – ପୁନଃବିବାହ କରିବା ସଚରାଚର ଦୃଷ୍ଟିଗୋଚର ହେଉଛି। ପୁରାତନ ମୂଲ୍ୟବୋଧଗୁଡ଼ିକ ଉଭେଇଯାଇ ସମାଜରେ ନାନାଦି ବିଶୃଙ୍ଖଳା ଓ ବ୍ୟଭିଚାର ବ୍ୟାପିଯାଉଛି। ଏହି ପ୍ରେକ୍ଷାପଟରେ ସ୍ୱର୍ଗତା ଅଧ୍ୟାପିକା ଦାସଙ୍କ ସ୍ୱାମୀ ପ୍ରାଧ୍ୟାପକ ଡକ୍ଟର ନାରାୟଣ ମହାନ୍ତିଙ୍କ ଭୂମିକାକୁ ବିଚାର କଲେ ମୁଣ୍ଡ ଆପେଆପେ ନଇଁଯାଏ। ୧୯୯୪ରେ ନୀହାରିକାଙ୍କ ଅକାଳ ବିୟୋଗ ପରେ ଏଯାବତ୍ ବିପତ୍ନୀକ ରହି ସେ ନୀତିନିଷ୍ଠ ଜୀବନଯାପନ କରିଆସୁଛନ୍ତି। ବିଗତ ତିନିଦଶନ୍ଧି ଧରି ଧର୍ମପତ୍ନୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖି ଡକ୍ଟର ମହାନ୍ତି ସ୍ମୃତିରକ୍ଷା ଦିଗରେ ଯାହାକିଛି ସମ୍ଭବ, ତାହା କରିଚାଲିଛନ୍ତି। ତାଙ୍କ ଭାଷାରେ, "ନୀହାରିକାଙ୍କର ସ୍ମୃତି କିନ୍ତୁ ପ୍ରତ୍ୟେକ ଦିନ ମୋ ମନରେ ଉଙ୍କିମାରୁଛି ଏବଂ ଜୀବନ-ଦୀପ ଲିଭିବା ପର୍ଯ୍ୟନ୍ତ ଉଙ୍କିମାରୁଥିବ।"[୨] ଡକ୍ଟର ମିଶ୍ରଙ୍କ ନିବନ୍ଧ ପଢ଼ି ମନେହୁଏ, ଉଜୁଡ଼ିପଡୁଥିବା ସାମ୍ପ୍ରତିକ ସମାଜ ବ୍ୟବସ୍ଥାରେ ଡକ୍ଟର ମହାନ୍ତି ଏକ ବ୍ୟତିକ୍ରମ, ଏକ ଆଦର୍ଶ ହୋଇ ରହିଯାଇଛନ୍ତି।

*ଅବସରପ୍ରାପ୍ତ ପ୍ରଫେସର ଓ ମୁଖ୍ୟ*
*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ*

◆◆◆

୧। ବନଜ କୁମାର ବିଶ୍ୱାଳ(ସଂ), ଅପାସୋରା ମଣିଷ (ଅଜିତ କୁମାର ମୁଖାର୍ଜୀଙ୍କ ପୁସ୍ତକ ସମ୍ପର୍କରେ...), ଗୋପାଳ ଚରଣ ମହାନ୍ତି ସ୍ମୃତି ସଂସଦ, କିଶୋରନଗର, ୨୦୨୧, ପୃଷ୍ଠା-୯।
୨। ନାରାୟଣ ମହାନ୍ତି, ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ, ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ, କଟକ, ୨୦୧୯, ପୃଷ୍ଠା-୮।